To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-15, Issue No.190, ଭଦ୍ରକ, ମଙ୍ଗଳବାର, ୯, ଜାନୁୟାରୀ ୨୦୧୮ ■ Bhadrak, Tuesday, 9 January 2018 Rs. 2.00 Pages-8

ରାଜସ୍ଥାନରେ ରିଲିଜ୍ ହେବ ନାହିଁ ‘ପଦ୍ମାବତ’ : ବସୁନ୍ଧରା ରାଜେ

ବିଦ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା ଗାଇଡ୍ ଲାଇନ ନେଇ ସମସ୍ତ ରାଜ୍ୟର ମତ ଲୋଡ଼ିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୮।୧: ରିୟାନ୍ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରଦ୍ୟୁମ୍ନ ଠାକୁରର ବାପା ବରୁଣ ଠାକୁରଙ୍କ ପକ୍ଷରୁ ବିଦ୍ୟାଳୟ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ନେଇ କରାଯାଇଥିବା ଆବେଦନର ସୋମବାର ସୁପ୍ରିମକୋର୍ଟରେ ଶୁଣାଣୀ ହୋଇଛି । ବିଦ୍ୟାଳୟ ଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ନେଇ ଗାଇଲାଇନ୍ ଜାରି କରିବା ପାଇଁ ନିଜର ମତାମତ ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଜାନୁୟାରୀ ୧୯ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛନ୍ତିଛ ଏହି ଆବେଦନର ପରବର୍ତ୍ତୀ ଶୁଣାଣୀ ଆଗାମୀ ଜାନୁୟାରୀ ୨୩ ତାରିଖ ହେବ ବୋଲି ସୂଚନା ରହିଛି । ଗାଇଡ୍‌ଲାଇନ୍ ପ୍ରସ୍ତୁତ ନେଇ ହରିୟାଣା, କର୍ଣ୍ଣାଟକ ଓ ହିମାଚଳ ପ୍ରଦେଶ ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିଛନ୍ତି । ଗତ ସେପ୍ଟେମ୍ବର ୮ ତାରିଖରେ ରିୟାନ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ପୁଥିବା ପ୍ରଦ୍ୟୁମ୍ନ ହତ୍ୟାକୁ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା ।ସମସ୍ତ ବିଦ୍ୟାଳୟଗୁିକର ସୁରକ୍ଷାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଥିଲା । ପୁଅର ମୃତ୍ୟୁ ପରେ ପ୍ରଦ୍ୟୁମ୍ନର ବାପା ବରୁଣ ଠାକୁର ସମସ୍ତ ସ୍କୁଲରେ ଏକ ଗାଇ୍ ଲାଇନ ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ ।

ଅତିରିକ୍ତ ମହାନିର୍ଦ୍ଦେଶକ ଓଡିଶା ପ୍ରଭାରୀ ଦାୟିତ୍ୱ ଗ୍ରହଣ କଲେ ରଞ୍ଜନା ଦେବଶର୍ମା

ଭୁବନେଶ୍ୱର,୮।୧ (ସକାଳ ଖବର): ଭାରତୀୟ ସୂଚନା ସେବାର ୧୯୯୧ ବ୍ୟାଚର ବରିଷ୍ଠ ଅଧିକାରୀ ଶ୍ରୀମତୀ ରଞ୍ଜନା ଦେବ ଶର୍ମା ଅତିରିକ୍ତ ମହାନିର୍ଦ୍ଦେଶକ ଓଡିଶା ପ୍ରଭାରୀ ରୂପେ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି । ପୂର୍ବାହ୍ନରେ ସେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱରରେ ଆନୁଷ୍ଠାନିକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ।

ଶ୍ରୀମତୀ ଦେବ ଶର୍ମା ପ୍ରଥମେ ଦୂରଦର୍ଶନ ସମାଚାର ବିଭାଗ ନୂଆଦିଲ୍ଲୀରୁ ନିଜର କାର୍ଯ୍ୟକାଳ ଆରମ୍ଭ କରିଥିଲେ । ତାଙ୍କର ଦୀର୍ଘ ୨୬ ବର୍ଷର ଅନୁଭୂତି ଓ କାର୍ଯ୍ୟକାଳ ମଧ୍ୟରେ ସେ ପ୍ରକାଶନ ନିର୍ଦ୍ଦେଶାଳୟ ଅନ୍ତର୍ଗତ ଏମ୍ପ୍ଲୟେମେଂଟ ନ୍ୟୁଜରେ ସମ୍ପାଦକ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସ୍ୱତନ୍ତ୍ର ଅଧିକାରୀ, କେନ୍ଦ୍ର କୃଷି ମନ୍ତ୍ରଣାଳୟର ଉପ-ସଚିବ, ବିଜ୍ଞାପନ ଓ ଦୃଶ୍ୟ ପ୍ରଚାର ନିର୍ଦ୍ଦେଶାଳୟ (ଡିଏଭିପି)ର ନିର୍ଦ୍ଦେଶକ, କେନ୍ଦ୍ର କ୍ଷେତ୍ର ପ୍ରଚାର ନିର୍ଦ୍ଦେଶାଳୟ, ନୁଆଦିଲ୍ଲୀ କାର୍ଯ୍ୟାଳୟର ନିର୍ଦ୍ଦେଶକ, ଇଏମଏମସିର ନିର୍ଦ୍ଦେଶକ ଓ ଗଣମାଧ୍ୟମ ମୁଖ୍ୟ, ପତ୍ର ସୂଚନା କାର୍ଯ୍ୟାଳୟ, **(ପୃଷ୍ଠା-୭)**

ବିଜେପୁର ଗୁଳିକାଣ୍ଡ

ତେଜିଲା ରାଜନୀତି

ବିଜେଡି ଡରାଉଛି : ଅରୁଣ ସିଂହ

ବିଜେଡିର ସମ୍ପୃକ୍ତି ନାହିଁ : ପ୍ରତାପ ଦେବ

ଭୁବନେଶ୍ୱର, ୮।୧ (ସକାଳ ଖବର): ରାଜ୍ୟ ସରକାରଙ୍କ ଅପାରଗତାକୁ ଲୋକେ ଜାଣି ସାରିଲେଣି। ସେମାନେ ହାରିବା ସୁନିଶ୍ଚିତ। ସେଥିପାଇଁ ଡରୁଛନ୍ତି । ହାରିଯିବା ଭୟରେ ଭୋଟହାତେଇବା ପାଇଁ ବୋମାମାଡ କରି ଡରାଉଛନ୍ତି ବୋଲି ବିଜେପିର ଓଡିଶା ପ୍ରଭାରୀ ଅରୁଣ ସିଂହ କହିଛନ୍ତି । ବିଜେପୁରରେ ବିଜେପି କର୍ମୀଙ୍କ ଘର ଉପରକୁ ଗୁଳିମାଡ ଘଟଣା ଉପରେ ପ୍ରତିକ୍ରିୟା ଦେଇ ଶ୍ରୀ ସିଂହ ଏହା କହିଛନ୍ତି । ସେ ଆହୁରି କହିଛନ୍ତି ଯେ ରାଜ୍ୟ ସରକାର ୧୮ ବର୍ଷ ମଧ୍ୟରେ ରାଜ୍ୟ ପାଇଁ କିଛି କରିନାହାନ୍ତି । ସେଥିପାଇଁ ତାଙ୍କ ଜନସମର୍ଥନ କମୁଛି । ଏଥିରେ ବିଜେଡି ଭୟଭୀତ ହୋଇଯାଇଛି। ମାତ୍ର ବିଜେପି କାର୍ଯ୍ୟକର୍ତାଙ୍କ ସହିତ ଓଡିଶାର ଜନସାଧାରଣ ରହିଛନ୍ତି ତେଣୁ ଆମେ ଡରୁନାହୁଁ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଏହି ଗୁଳିକାଣ୍ଡ ଘଟଣାରେ ବିଜେଡିର ସମ୍ପୃକ୍ତି ନାହିଁ । ଆଗାମୀ ଦିନରେ ବିଜେପୁର ଉପନିର୍ବାଚନ ହେବାକୁ ଯାଉଥିବା ବେଳେ ଏହାକୁ ଆଳ କରି ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି ବୋଲି ବିଜେଡି ମୁଖପାତ୍ର ତଥା ସାଂସଦ ପ୍ରତାପ ଦେବ ପ୍ରକାଶ କରିଛନ୍ତି । ସୋମବାର ଦିନ ସଚିବାଳୟ ଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଥିଲେ ଯେ ଗୁଳିକାଣ୍ଡ ଘଟଣାରେ ପୋଲିସ୍ ର ତଦନ୍ତ ନିଶ୍ଚିନ୍ତ ହେବ ଏବଂ ଏଥିରୁ ସତ୍ୟତା ଜଣାପଡିବ । ଉପନିର୍ବାଚନରେ ନିଜ ସପକ୍ଷରେ ଭୋଟ୍ ହାତେଇବା ପାଇଁ ବିଜେପି ଏଭଳି ଭିତିହୀନ ଅଭିଯୋଗ ଆଣିବା ସ୍ପୃହଣୀୟ ନୁହେଁ।

ଗୁରୁ କେଳୁଚରଣ ମହାପାତ୍ରଙ୍କ ୯୨ତମ ଜନ୍ମ ବାର୍ଷିକରେ
ଓଡ଼ିଶୀର ଅନନ୍ୟ ରୂପରେଖ ଅନ୍ତଃଦୃଷ୍ଟି

ଏଣିକି ରାଜଧାନୀରେ ପ୍ରତି ୪ ମିନିଟରେ ମିଳିବ ସିଟି ବସ୍ ସେବା

ଭୁବନେଶ୍ୱର, ୮।୧ (ସକାଳ ଖବର): ଆସନ୍ତା ନଭେମ୍ବର ୨୮ ତାରିଖ ଠାରୁ କଳିଙ୍ଗ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ହକି ବିଶ୍ୱ କପ୍ ପାଇଁ ଭୁବନେଶ୍ୱର ସହରରେ ବିଏମସି ପକ୍ଷରୁ ଚାଲୁଥିବା ବସ୍ ସଂଖ୍ୟାରେ ୩ ଗୁଣା ବୃଦ୍ଧି କରାଯିବ ବୋଲି ବିଏମସି କମିଶନର କ୍ରିଶନ୍ କୁମାର ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ବର୍ତମାନ ପ୍ରତି ୧୦ରୁ ୧୫ ମିନିଟ୍ ରେ ସିଟି ବସ୍ ଚାଲୁଥିବା ବେଳେ ଏଣିକି ପ୍ରତି ୪ ମିନିଟ୍ ବ୍ୟବଧାନରେ ବସ୍ ଚାଲିବ । ବର୍ତମାନ ନିଗମର ୧୧୦ଟି ବସ୍ ଚାଲୁଛି। ଆଉ ୨୦୦ ବସ୍ କିଣାଯିବ। ଏଥି ମଧ୍ୟରେ ୫୦ଟି ଏସି ବସ୍ ରହିବ । ମୁଖ୍ୟ ଶାସନ ସଚିବ ଶ୍ରୀ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଭିତିଭୂମୀ ପ୍ରକଳ୍ପର କ୍ଷମତା ସଂପନ୍ନ କମିଟି (ଇ.ସି.ଆଇ.) ବୈଠକରେ ଅନୁମୋଦନ କରାଯାଇଛି । ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ସରକାରୀ ଓ ଘରୋଇ ସହଭାଗିତା ପ୍ରକଳ୍ପ ଦାୟିତ୍ୱରେ ଥିବା ପ୍ରମୁଖ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନା ପ୍ରକଳ୍ପ ଗୁଡିକ ବିଷୟରେ ସବିଶେଷ ବିବରଣୀ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ଅନୁମୋଦିତ ପ୍ରକଳ୍ପ ଗୁଡିକର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ପୂର୍ଣ୍ଣାଙ୍ଗ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ କାର୍ଯ୍ୟନିର୍ବାହୀ ସଂସ୍ଥା ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକପରେ ଗଣମାଧମ ପ୍ରଶ୍ନର ଉତରଦେଇ ଭୁବନେଶ୍ୱର ମହାନଗର ନିଗମର କମିଶନର ଶ୍ରୀ କ୍ରିଷନ କୁମାର କହିଥିଲେ ଯେ ଆଜି ବୈଠକରେ ମୋଟ ମୂଲ୍ୟ (ଗ୍ରସ୍ କଷ୍ଟିଂ) ଭିତିକ ପିପିପି ମୋଡ୍‌ରେ ସିଟି-ବସ୍ ସେବା ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏହା ଫଳରେ ସହରରେ ଅଧିକ ୨୦୦ ଟି ବସ୍ ଚାଲିବ । ବସ୍ ମଧ୍ୟରେ ଥିବା ସମୟ ବ୍ୟବଧାନ ମଧ କମିବ । ବସ୍‌ର ଆଗମନ ସମୟ, ରହଣି ଆଦି ବିଷୟରେ ସହରବାସୀଙ୍କୁ ଆଗୁଆ ସୂଚନା ମଧ ମିଳିବ ।ସହରର ମୁଖ୍ୟ ରାସ୍ତା ମାନଙ୍କରେ ଦୁଇଟି ବସ୍ ମଧ୍ୟରେ ସମୟ ବ୍ୟବଧାନକୁ ୪ ମିନିଟ୍ ପର୍ଯ୍ୟନ୍ତ କମାଇବା **(ପୃଷ୍ଠା-୭)**

ନନ୍ଦନକାନନ ବସ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣା

ମୁଖ୍ୟମନ୍ତ୍ରୀଙ୍କ ୨ ଲକ୍ଷ ଟଙ୍କାର ସହାୟତା ଘୋଷଣା

ଭୁବନେଶ୍ୱର, ୮।୧ (ସକାଳ ଖବର): ନନ୍ଦନକାନନ ସିଂହ ସଫାରୀ ବସ୍ ଦୁର୍ଘଟଣାରେ ଅମିୟ କୁମାର ଭାରୀମଲ୍ଲ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜ୍ଞାପନ କରିବା ସହ ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କଙ୍କ ପାଇଁ ୨ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ ଯେ ଗତ ୩ ତାରିଖର ନନ୍ଦନକାନନରେ ସିଂହ ସଫାରୀ ବସ୍ ଦୁର୍ଘଟଣାରେ ଅମିୟଙ୍କ ସମେତ ୩ ଜଣ ଆହତ ହୋଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ଅମିୟଙ୍କ ମୃତ୍ୟୁ ଘଟିଥିଲା ।



ଯିଏ ମୋତେ ଭକ୍ତିରେ ହାତ ଯୋଡିବ ମୁଁ ତା ପାଖକୁ ପହଞ୍ଚିବି ସେ ଯେଉଁଠି ଥାଉ ।



ହୁଣ୍ଡିର ଆୟ (୮.୧୧.୧୭)
୪,୪୫,୦୨୭

୪ ଦିନିଆ ରିମାଣ୍ଡରେ ଯିବେ ସି ସୋର ମୁଖ୍ୟ ପ୍ରଶାନ୍ତ ଦାସ

ଭୁବନେଶ୍ୱର, ୮।୧ (ସକାଳ ଖବର): ଆସନ୍ତାକାଲି ଠାରୁ ସିସୋର ଚିଟଫଣ୍ଡ ସଂସ୍ଥା ମୁଖ୍ୟ ପ୍ରଶାନ୍ତ ଦାସଙ୍କୁ ଢେଙ୍କାନାଳ ପୋଲିସ୍ ୪ ଦିନିଆ ରିମାଣ୍ଡରେ ନେବ । ପ୍ରଶାନ୍ତଙ୍କୁ ୭ଦିନିଆ ରିମାଣ୍ଡରେ ନେବା ଲାଗି ପୋଲିସ୍ ଆବେଦନ କରିଥିବା ବେଳେ ଢେଙ୍କାନାଳ ଏସଡିଜେମ୍ କୋର୍ଟ ୪ ଦିନ ପାଇଁ ଅନୁମତି ଦେଇଛନ୍ତି । ଆସନ୍ତା ୧୨ ତାରିଖରେ ପ୍ରଶାନ୍ତଙ୍କ ରିମାଣ୍ଡ ଅବଧି ଶେଷ ହେବା ପରେ ତାଙ୍କୁ ପୁଣି ଥରେ କୋର୍ଟରେ ହାଜର କରାଯିବ । ଅନ୍ୟପକ୍ଷରେ ପ୍ରଶାନ୍ତ ପୁଣିଥରେ ବେଲ ପାଇଁ ଆବେଦନ କରିଛନ୍ତି । ଆସନ୍ତା ୧୧ ତାରିଖରେ ଜିଲ୍ଲା ଜଜ୍ କୋର୍ଟରେ ଏହି ରିମାଣ୍ଡ ଆବେଦନର ଶୁଣାଣି ହେବ ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଯେ ପ୍ରାୟ ୭୦୦ କୋଟି ଟଙ୍କାର ଠକେଇ କରିଥିବା ଅଭିଯୋଗରେ ପ୍ରଶାନ୍ତ ଗତ ୨୦୧୩ ରେ ଗିରଫ ହୋଇଥିଲେ । **(ପୃଷ୍ଠା-୭)**

ସ୍ୱଦେଶୀ ଅସ୍ତ୍ରରେ ଲଢ଼ିବାର ସମୟ : ସେନାମୁଖ୍ୟ

ନୂଆଦିଲ୍ଲୀ,୮।୧ : ଭାରତ ଧୀରେ ଧୀରେ ଅସ୍ତ୍ରଶସ୍ତ୍ର ଆମଦାନୀ କରିବା କମାଇ ଦେଇଛି । ଆଗାମୀ ଦିନରେ ଏହା ଆହୁରି ହ୍ରାସ ପାଇବ । ଆଗାମୀ ଯୁଦ୍ଧରେ ନିଜ ଦେଶରୁ ପ୍ରସ୍ତୁତ ଅସ୍ତ୍ରଶସ୍ତ୍ର ନେଇ ଆମକୁ ଲଢିବାକୁ ହେବ ବୋଲି ସ୍ଥଳସେନାର ସେନାଧକ୍ଷ ଜେନେରାଲ ବିପିନ୍ ରାୱତ କହିଛନ୍ତି । ଦିଲ୍ଲୀ ଠାରେ ଆୟୋଜିତ ଏକ ସମାବେଶରେ ଯୋଗ ଦେଇ ରାୱତ କହିଲେ ଯେ, କେନ୍ଦ୍ରରେ ମୋଦି ସରକାର ଆସିବା ପରେ ସ୍ୱଦେଶୀ ଅସ୍ତ୍ର ପ୍ରସ୍ତୁତି ନେଇ କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି । କେତେକ କମ୍ପାନୀ ଭାରତରେ ଅସ୍ତ୍ରଶସ୍ତ୍ର ନିର୍ମାଣ କାରଖାନା କରିବା ନେଇ ଯୋଜନା ପ୍ରସ୍ତୁତ କଲେଣି । ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ସରକାର ମଧ ଏଥିପାଇଁ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି । ନିକଟରେ ଦେଶର ଅର୍ଡ଼ିନାନ୍ସ କାରଖାନା ପାଇଁ ମଧ ମଞ୍ଜୁରୀ ଦିଆଯାଇଛି । ଜାମ୍ମୁ-କାଶ୍ମୀର ଯୁବକମାନଙ୍କୁ କର୍ମଶାଳାରେ ସମ୍ବୋଧିତ କରି ସେନା ପ୍ରମୁଖ ରାୱତ ମୁଖ୍ୟଧାରାରେ ସାମିଲ କରାଯିବାର କୌଶଳ ହେଉଥିବା ସୂଚାଇଥିଲେ । ଆତଙ୍କବାଦୀମାନେ ଅସ୍ତ୍ରଶସ୍ତ୍ର ସହ ଫଟୋ ଉଠାଇ ସୋସିଆଲ ମିଆରେ ଅପଲୋ୍ କରି ଯେଉଁଭଳି ପ୍ରଚାର କରୁଛନ୍ତି ତାହାକୁ ନିନ୍ଦା କରିଥିଲେ ।

ରାଷ୍ଟ୍ର ୧ କର ବଜାର GST

ବସ୍ତୁ ଏବଂ ସେବାକର

କରଦାତା ଦୟାକରି ଧ୍ୟାନ ଦିଅନ୍ତୁ !

ଫର୍ମ ଜିଏସ୍‌ଟିଆର୍-୧ରେ ରିଟର୍ଣ୍ଣ ଫାଇଲ୍ କରିବାର ଅନ୍ତିମ ତାରିଖ

୧୦ ଜାନୁଆରୀ, ୨୦୧୮

ଦୟାକରି ନିଜର ରିଟର୍ଣ୍ଣ ତୁରନ୍ତ ଫାଇଲ୍ କରନ୍ତୁ !

କରଦାତାଙ୍କ ଶ୍ରେଣୀ	ରିଟର୍ଣ୍ଣ	ଅନ୍ତିମ ତାରିଖ
କରଦାତା* ଯାହାର ପୂର୍ବ ଆର୍ଥିକ ବର୍ଷ କିମ୍ବା ଚଳନ୍ତି ଆର୍ଥିକ ବର୍ଷର ଆଗ୍ରିଗେଟ୍ ଟର୍ଣ୍ଣଓଭର ୧.୫ କୋଟି ଟଙ୍କା ପର୍ଯ୍ୟନ୍ତ	ତ୍ରୈମାସିକ ଆଧାରରେ ଫର୍ମ ଜିଏସ୍‌ଟି ଆର୍-୧ ଜୁଲାଇ-ସେପ୍ଟେମ୍ବର, ୨୦୧୭	୧୦ ଜାନୁଆରୀ, ୨୦୧୮
କରଦାତା* ଯାହାଙ୍କ ପୂର୍ବ ଆର୍ଥିକ ବର୍ଷ କିମ୍ବା ଚଳନ୍ତି ଆର୍ଥିକ ବର୍ଷର ଆଗ୍ରିଗେଟ୍ ଟର୍ଣ୍ଣଓଭର ୧.୫ କୋଟି ଟଙ୍କାରୁ ଅଧିକ	ମାସିକ ଆଧାରରେ ଫର୍ମ ଜିଏସ୍‌ଟିଆର୍-୧ ଜୁଲାଇ-ନଭେମ୍ବର, ୨୦୧୭	୧୦ ଜାନୁଆରୀ, ୨୦୧୮

*କମ୍ପୋଜିସନ୍ କରଦାତା, ଅଣନିବାସୀ କରଦାତା, ଇନ୍‌ପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର ଏବଂ ଏପରି କରଦାତା ଯେଉଁମାନେ ସିଜିଏସ୍‌ଟି ଅଧିନିୟମ ଧାରା ୫୧ ଏବଂ ୫୨ ଅନ୍ତର୍ଗତ କର ଦେବାର ଅଛି, ର ଅନ୍ୟ ।

ବସ୍ତୁ ଏବଂ ସେବା କର - ଭଲ ଅଛି, ସରଳ ଅଛି ।

କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କ ବୋର୍ଡ ଓ
ରାଜ୍ୟ/କେନ୍ଦ୍ରଶାସିତ କ୍ଷେତ୍ରର ବାଣିଜ୍ୟିକ କର ବିଭାଗ
www.cbec.gov.in, www.cbec-gst.gov.in

davp 15502/13/0287/1718

’ÿàÿê¨ ÀÿæßZÿ þ {¾þ†ÿ fæ{~

HÝÉæ Àÿæfœÿê†ÿ{Àÿ F¨Àÿ Lÿd SÀÿ†ÿ¨,ÿ ¯ÿÌß ¯ÿÖ ¾æÜÿæ A~Aæ{àÿæ`ÿ†ÿ µÿæ{¯ÿ ¨Àÿ¯ÿæ AæÞAæÁÿ{Àÿ àÿ¯ÿ¾æF, F¨Àÿ Lÿd Ws~æ ¯ÿÁÿê Ad ¾æÜÿæ ¯ÿÉÌ Àÿæ f{œÿ†ÿæ †ÿ$æ D{’ÿ¿æS¨†ÿ Éê¾Ñÿ ’ÿàÿ¨ ÀÿæßZÿ fœÿ’ÿ¯ÿÓ{Àÿ (09.01) ÓÀÿæ HÝÉæ{Àÿ fœÿÓæ™æÀÿ~Zÿ A¯ÿS†ÿ œÿþ{;ÿ D{àÿQ LÿÀÿd æ

¯ÿÜÿ`ÿ¯ÿaÿ†ÿ ¯ÿ{f¨Àÿ ¯ÿ™æœÿÿÓµÿæ AæÓœÿÀÿ ÓS†ÿ Ó¯ÿÀÿ ÓæÜÿ Lÿ¨Àÿ Lÿó{SÓ s{Lÿs ¨æB{àÿ

4f~ ¨™æœÿþ¦êZÿ A™œÿ{Àÿ þ¦ê ¨ÀÿÌ’ÿ{Àÿ ×æœÿ ¨æB¯ÿæ{Àÿ ’ÿaÿ¨ FLÿþæ†ÿ HÝAæ

Lÿs{Àÿ {œÿæ{¯ÿaÿ ¯ÿ{f†ÿæ FÀÿBœÿ {œÿ{ÜÿÀÿ {f¯ÿFÓ Üÿæaÿ{xÿœÿ ¯ÿÑÿ†ÿæ

4$ µÿ’ÿLÿ þ{ÜÿæÓ¯ÿÀÿ †ÿ‡ÿêß Óóšæ Ó× Óþæf Svÿœÿ ¨æB {Odæ{Ó¯ÿê ÓóSvÿœÿÀÿ µÿÿþLÿæ SÀÿ†ÿ¨,ÿ

Aæ’ÿœÿëÿê üÿæD{ƒÓœÿ ¨äÀÿ Aæ{ßæf†ÿ "{ÓbÿæSÜÿ Lÿæ¾¿Lÿþ ÓÎ LÿÀÿd Óbÿ†ÿæ ÓóÔÿ†ÿ

¨¯ÿ†ÿs {ÀÿÀÿ¨$ þÜÿÁÿæ Lÿàÿ¿æ~ ÓóSvÿœÿ (B{Lÿæ{{Àÿæ) ¨äÀÿ HæBüÿæB {Ó ¯ÿæ

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

Óó¨æ’ÿLÿ : Aþ†ÿ LÿþæÀÿ þàÿLÿ